# ତହସିଲଦାରଙ୍କ କାର୍ଯ୍ୟାଳୟ, ଶେରଗଡ (ଗଞ୍ଜାମ)

Misc. (Vasundhara) Case No. 01/2025

ପତ୍ର ସଂଖ୍ୟା 1973/Vasun. ତା 15-05-2025

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ତାକରଢା ଗ୍ରାମର ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ତାକରଢା ଗ୍ରାମର ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିରେ ତାକରଢ଼ା ଗ୍ରାମ ର ତିନି (03) ଜଣ ଭୂମିହୀନ ପରିବାରଙ୍କୁ ବସୁନ୍ଧରା ଯୋଜନା ଦ୍ଵାରା ଭୂମି ବନ୍ଦୋବସ୍ତ ନିମନ୍ତେ ପ୍ରସ୍ତାବ ରହିଅଛି । ପ୍ରକାଶ ଥାଉକି, ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିର ଖାତା ରକ୍ଷିତ ଏବଂ କିସମ ବିଲ ଦୋଫସଲି -2 ଅଟେ । ଏଣୁ, ଉକ୍ତ ତଫସିଲ ଭୁକ୍ତ ସରକାରୀ ଜମି ତାକରଢ଼ା ଗ୍ରାମ ର ତିନି (03) ଜଣ ଭୂମିହୀନ ପରିବାରଙ୍କୁ ବସୁନ୍ଧରା ଯୋଜନା ଦ୍ଵାରା ଭୂମି ବନ୍ଦୋବସ୍ତ ହେବା ପୂର୍ବରୁ ଏହାର ଖାତା ରକ୍ଷିତ ରୁ ଆବାଦ ଯୋଗ୍ୟ ଅନାବାଦି ଏବଂ କିସମ ବିଲ ଦୋଫସଲି -2 ରୁ ଘରବାରି କୁ ପରିବର୍ତ୍ତନ ହେବାର ଆବଶ୍ୟକତା ରହିଅଛି ।

ଏଣୁ, ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିର ଖାତା ଓ କିସମ ପରିବର୍ତ୍ତନ ହେବା ପ୍ରସ୍ତାବରେ ଯଦି କାହାର କୌଣସି ଅପତି ଅଭିଯୋଗ ଥାଏ, ତେବେ ଏହି ବିଜ୍ଞାପନ ଜାରି ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ଲିଖିତ ଆକାରରେ ଅଦାଲତ ଫି ଟ. ୨୦.୦୦ (କୋଡିଏ) ମୁଦ୍ରା ସହ ନିମ୍ନସ୍ଵାକ୍ଷରକାରୀଙ୍କ ଅଦାଲତରେ ଜଣାଇବେ । ନିର୍ଦ୍ଧାରିତ ସମୟ ଗତେ କୌଣସି ଆପତି ଅଭିଯୋଗ ଗ୍ରହଣ ନକରି ଆଇନାନୁଯାୟୀ କାର୍ଯ୍ୟ ସମ୍ପାଦନ କରାଯିବ ଏବଂ ମିଆଦ ଗତେ କାହାର କୌଣସି ଆପତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

**ତଫସିଲ ଭୁକ୍ତ ଜମିର ବିବରଣୀ**

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ପୁରା ରକବା (ଏ. ସି) | ଆବଶ୍ୟକ ରକବା (ଏ. ସି) | କିସମ |
|---|---|---|---|---|---|
| ତାକରଢ଼ା | 750 (ରକ୍ଷିତ) | 2352 | 0.103 | 0.060 | ବିଲ ଦୋଫସଲି -2 |
| | | ମୋଟ : | 0.103 | 0.060 | |

ତହସିଲଦାର, ଶେରଗଡ

ପରିପତ୍ର ସଂଖ୍ୟା 1974/2025 ତା 15-05-2025

ଏଥିର ଏକକିତା ନକଲ District Informatics Officer, Ganjam, Chatrapur ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା କି, ଏହା ସର୍ବସାଧାରଣଙ୍କ ଅବଗତି ଓ ବିହିତ ପ୍ରଚାର ନିମନ୍ତେ ଏହି ବିଜ୍ଞାପନ ଜାରି ହେବା ଦିନ ଠାରୁ ୧୫ (ପନ୍ଦର) ଦିନ ପର୍ଯ୍ୟନ୍ତ http://ganjam.nic.in ଉପଲବ୍ଧ କରାଇବା ହେବେ ।

ତହସିଲଦାର, ଶେରଗଡ

ପରିପତ୍ର ସଂଖ୍ୟା 1975/2025 ତା 15-05-2025

ଏଥିର ଏକକିତା ନକଲ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ରାଜସ୍ଵ ନିରୀକ୍ଷକ, ଧବଳପୁରଙ୍କ କର୍ଯ୍ୟାଳୟର ବିଜ୍ଞାପନ ଫଳକ ପ୍ରଚାର ପାଇଂ ନାଜରଙ୍କ ନିକଟକୁ ପଠାଗଲା ଏବଂ ଆଇନାନୁଯାୟୀ ଜାରି କରି ଏଥିର ନକଲ ଫେରସ୍ତ ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

ଏଥିର ଏକକିତା ନକଲ ସରପଞ୍ଚ, ତାକରଢା ଗ୍ରା. ପ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

ତହସିଲଦାର, ଶେରଗଡ

Scanned with OKEN Scanner